# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୩.୨୦୨୬ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,
୨. ଶ୍ରୀ ଚନ୍ଦ୍ରଶେଖର ମଲ୍ଲିଆ,
୩. ଅସିୟା ବେଗମ୍,
୪. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ

ଅଦ୍ୟ ତା ୧୭.୦୩.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ୟୁନିଟ୍-୨ ରେ ଥିବା ଗାରମେଂଟ ମାର୍କେଟ୍‌ର ବର୍ତ୍ତମାନ ସ୍ଥିତି (Status) ବିଷୟ ଉପ ଆୟୁକ୍ତ (ମାର୍କେଟ୍) ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଗୋଶାଳାରୁ ବାହାରୁଥିବା ଖତ, କ୍ଷୀରରୁ କେତେ ଅର୍ଥ ଆଦାୟ ହେଉଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ଏ.ବି.ସି ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ଧରା ହୋଇ ଗୋରୁ ଓ ଗାଈଙ୍କୁ ଗୋଶାଳାରେ କିଭଳି ରଖାଯାଉଅଛି ତାହା କମିଟି ଦେଖିବାକୁ ଯିବେ । ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ଉପ ଆୟୁକ୍ତ, ଏ.ବି.ସି ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଚିଠି ନଂ-୭୮୮୦ ତା ୧୨.୦୩.୨୦୨୬ ରିଖରେ ଜଣାଇଛନ୍ତି ଯେ, Unified Revenue Collection (URC) ଯୋଜନା ଅନୁଯାୟୀ ପୌର ସଂସ୍ଥା ମାନଙ୍କର ଗତ ବର୍ଷ ଆୟ ତୁଳନାରେ ଚଳିତ ବର୍ଷ ୧୦.୫୪% ବୃଦ୍ଧିର ଆବଶ୍ୟକତା ଥିବାରୁ ପୌରାଂଚଳରେ କାର୍ଯ୍ୟ କରୁଥିବା ଜଳସାଥି/ ସ୍ୱଚ୍ଛସାଥି ମାନଙ୍କ ଦ୍ୱାରା ଗୃହ ଟିକସ ସହିତ ଜଳ ଓ ସ୍ୱେରେଜ ୟୁଜର୍ ଚ୍ଚାର୍ଜ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଅଛି, ତେଣୁ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟ କରୁଥିବା ସ୍ୱଚ୍ଛସାଥି ମାନଙ୍କ ଦ୍ୱାରା QR Code ମାଧ୍ୟମରେ ଗୃହ ଟିକସ ଆଦାୟ କରିବା ଏବଂ ସେମାନଙ୍କୁ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପ୍ରୋତ୍ସାହନ (Incentive) ପ୍ରଦାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୩୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୧୭.୦୩.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୩.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀ ଅମରେଶ ଜେନା,
୩. ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀମତୀ ଜୟନ୍ତି ସାହୁ,
୬. ଶ୍ରୀ ସନ୍ତୋଷ କୁମାର ସିଂହ

ଅଦ୍ୟ ତା ୧୭.୦୩.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆସନ୍ତା ୨୦୨୬-୨୦୨୭ ଆର୍ଥିକ ବର୍ଷରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରତି ୱାର୍ଡ଼କୁ ଟ ୩,୦୦,୦୦,୦୦୦/- (ତିନି କୋଟି ଟଙ୍କା) ଲେଖାଏଁ ଅନୁମୋଦନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଗତ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ପ୍ରତି ୱାର୍ଡ଼କୁ କେତେ ଟଙ୍କା ଲେଖାଏଁ ଅନୁମୋଦନ ହୋଇଥିଲା, ପ୍ରତି ୱାର୍ଡ଼ରେ କେତେ ଟଙ୍କାର କାର୍ଯ୍ୟ ହୋଇଅଛି ସେଥି ମଧ୍ୟରୁ କେତେ ଟଙ୍କା ପଇଠ ହୋଇଅଛି, କେତେ ଟଙ୍କାର କାର୍ଯ୍ୟ ରଦ୍ଦ (Cancel) ହୋଇଅଛି ତାହାର ୱାର୍ଡ଼ ୱାଇଜ୍ ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିଗମର ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ବେହେରା
ସଭାପତି
ତା ୧୭.୦୩.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୩.୨୦୨୬ ରିଖ

ସମୟ-ଅପରାହ୍ନ ଘ.୧୨.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାରମ୍ୟାନ୍,
୨. ଶ୍ରୀ ମିହିର କୁମାର ରାଉତ,
୩. ଶ୍ରମତୀ ସୁଚିତ୍ରା ପାତ୍ର

ଅଦ୍ୟ ତା ୧୭.୦୩.୨୦୨୬ ରିଖ ଅପରାହ୍ନ ଘ.୧୨.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ରଥଯାତ୍ରା ଉପଲକ୍ଷେ ଭକ୍ତ ମାନଙ୍କୁ ରୌଦ୍ରତାପରୁ ରକ୍ଷା କରିବା କରିବା ପାଇଁ ଛାୟା ପ୍ରଦାନ, ସୁବାସିତ ଜଳ ସିଂଚନ, ଥଣ୍ଡା ପାନୀୟ ବଂଟନ ଓ ଅନ୍ନଛତ୍ର ଦାନ ଇତ୍ୟାଦି କାର୍ଯ୍ୟ ପାଇଁ ଭୁବନେଶ୍ୱର ମହାନଗର ନିଗମ ରିକ୍ରିଏସନ୍ କ୍ଲବ୍ ସପକ୍ଷରେ ଗତ ବର୍ଷ ଅପେକ୍ଷା ଅଧିକ ଅର୍ଥ ଅନୁଦାନ ମଞ୍ଜୁର କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମରୁ ପ୍ରତି ମାସରେ ଅବସର ଗ୍ରହଣ କରୁଥିବା କର୍ମଚାରୀ ମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟ ଭୁବନେଶ୍ୱର ମହାନଗର ନିଗମ ରିକ୍ରିଏସନ୍ କ୍ଲବ୍ ମାଧ୍ୟମରେ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୱାର୍ଡ ନଂ-୪୮, ଡ଼େଲ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସ୍ଥା ଖରାପ ହୋଇଯାଇଥିବାରୁ ଉକ୍ତ ବିଦ୍ୟାଳୟର ମରାମତି କାର୍ଯ୍ୟ କରିବା ପାଇଁ ପଂଚାୟତ ସମିତି ଶିକ୍ଷା ଅଧିକାରୀ, ଭୁବନେଶ୍ୱରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୧୭.୦୩.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୩.୨୦୨୬ ରିଖ

ସମୟ-ଅପରାହ୍ନ ଘ.୧୨.୩୦ ମିନିଟ୍<br>ସ୍ଥାନ-BMC-ICOMC ର ତଳ ମହଲା<br>ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୩. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୪. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ,
୫. ଶ୍ରୀମତୀ ଇତିଶ୍ରୀ ଦାସ,
୬. ଶ୍ରୀ ଶିବ ନାରାୟଣ ରାୟ

ଅଦ୍ୟ ତା ୧୮.୦୩.୨୦୨୬ ରିଖ ଅପରାହ୍ନ ଘ.୧୨.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ କାର୍ଯ୍ୟାଳୟର L.G Floor ରେ ଆକ୍ୱାଗାର୍ଡ ଖରାପ ହୋଇଯାଇଥିବାରୁ କର୍ମଚାରୀ ଓ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହୋଇ ଅଭିଯୋଗ କରୁଛନ୍ତି, ତେଣୁ L.G Floor ରେ ଏକ ଆକ୍ୱାଗାର୍ଡ ବ୍ୟବସ୍ଥା କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ୱାର୍ଡ ଅଫିସ୍ ଗୁଡ଼ିକୁ ପରିଚାଳନା କରିବା ପାଇଁ ଆବଶ୍ୟକ ହେଉଥିବା ଜିନିଷ ଗୁଡ଼ିକୁ ଯୋଗାଇଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୱାର୍ଡ ନଂ-୧୧ ତଥା ପାଖ ଅଂଚଳର ଜନସାଧାରଣ ମୃତ୍ୟୁବରଣ କଲେ ସେମାନଙ୍କ ଶବଦାହ ପାଇଁ ୱାର୍ଡ ନଂ-୧୧ ରେ ଗୋଟିଏ ମଶାଣି ତିଆରି କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳର ଯେଉଁ ଜନସାଧାରଣ କାର୍ କିଣିବେ ସେମାନେ ଗାଡ଼ି ରଖିବା ପାଇଁ ପାର୍କିଙ୍ଗ୍ ସ୍ଥାନ ଥିବା ସମ୍ପୃକ୍ତ ୱାର୍ଡର କର୍ପୋରେଟର ଲେଖିକରି ଦେଲେ ଗାଡ଼ି କିଣିବା ପାଇଁ ଅନୁମତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକୁ ପରିଦର୍ଶନ କରି ଆବଶ୍ୟକ ହେଉଥିବା ଜିନିଷ ଯୋଗାଇଦେବା ନିମନ୍ତେ CDPO ଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୨.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା<br>ସଭାପତି<br>ତା ୧୮.୦୩.୨୦୨୬ ରିଖ

/10

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୩.୨୦୨୬ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ,
୨. ଶ୍ରୀମତୀ ସୁଜାତା ଛୋଟରାୟ,
୩. ଶ୍ରୀମତୀ ପୁଷ୍ପା ରାଉତ,
୪. ଶ୍ରୀମତୀ ଝରଣାରାଣୀ ପତି,
୫. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୬. ଶ୍ରୀମତୀ ପୂଜା ମହାରଣା,
୭. ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା ୧୮.୦୩.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆଜିର ବୈଠକରେ ଉପସ୍ଥିତ ଥିବା ଉପ ଆୟୁକ୍ତ, ପାର୍କିଙ୍ଗ୍ ଉପସ୍ଥାପନ କରିଥିବା ସଂଲଗ୍ନ-"କ" ରେ ଉଲ୍ଲିଖିତ ପାର୍କିଙ୍ଗ୍ ସ୍ଥାନ ଗୁଡ଼ିକ ବାରମ୍ବାର ନିଲାମ ଡ଼ାକିବା ପରେ କେହି ଟେଣ୍ଡର ପକାଉନଥିବାରୁ ଉକ୍ତ ପାର୍କିଙ୍ଗ୍ ସ୍ଥାନ ଗୁଡ଼ିକ ପାଇଁ ଧାର୍ଯ୍ୟ ହୋଇଥିବା Offset Price ର ୧୦% (ଦଶ ପ୍ରତିଶତ) କମାଯାଇ ପୁନଃବାର ଟେଣ୍ଡର ଡ଼ାକିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ହୋର୍ଡ଼ିଙ୍ଗ୍ ମ୍ୟାନେଜମେଂଟ ବିଷୟରେ ଜାଣିବା ପାଇଁ ମହିଶୁର କିମ୍ବା ଓଟି ସହରକୁ Exposer visit ଯିବାପାଇଁ ବ୍ୟବସ୍ଥା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ପ୍ରତ୍ୟେକ ଜୋନ୍‌ରେ କେତୋଟି ଭେଣ୍ଡିଂଜୋନ୍ ଅଛି ଏବଂ କେଉଁ ଭେଣ୍ଡିଂଜୋନ୍‌ରୁ SWM Charges ଆଦାୟ ହେଉଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଆଂଚଳିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ନିଷ୍ପତି ହୋଇଥିଲା, କିନ୍ତୁ ଆଜିର ବୈଠକରେ ଉପସ୍ଥାପନ ହୋଇନଥିବାରୁ ଅସନ୍ତୋଷ ପ୍ରକାଶ କଲେ । ଉକ୍ତ ତଥ୍ୟ ଆସନ୍ତା ମାସ ବୈଠକରେଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଚଳିତ ବର୍ଷ ଖଣ୍ଡଗିରି ମେଳା ସମୟରେ ପାର୍କିଙ୍ଗ୍ ସ୍ଥାନ ନିଲାମ ନେଇଥିବା ବ୍ୟକ୍ତି ପାର୍କିଙ୍ଗରେ ରଖୁଥିବା ଗାଡ଼ି ବାବଦ୍‌କୁ ଲୋକମାନଙ୍କ ଠାରୁ ଅଧିକ ଅର୍ଥ ନେଇଥିବାରୁ ତାଙ୍କୁ ପାର୍କିଙ୍ଗ୍ ନିଲାମରୁ ବଂଚିତ (Debar) କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଗତ ତା ୧୭.୦୨.୨୦୨୬ ରିଖ ନିର୍ଦ୍ଧାରଣ ସଂଖ୍ୟା-୧(୧) ନିଷ୍ପତି ଅନୁଯାୟୀ ନିଗମ ଦ୍ୱାରା ନିର୍ମାଣ ହୋଇଥିବା କମ୍ୟୁନିଟି ସେଂଟର ଗୁଡ଼ିକ ନଗର ଯନ୍ତ୍ରୀ ୧୫ ଦିନ ମଧରେ ହସ୍ତାନ୍ତର କରିବା ପାଇଁ କମିଟିକୁ ପ୍ରତିଶ୍ରୁତି ଦେଇଥିବାରୁ ଉପ ଆୟୁକ୍ତ କମ୍ୟୁନିଟି ସେଂଟର ଗୁଡ଼ିକୁ ନିଜ ଅଧିନକୁ ଆଣି ଭଡ଼ା ଦର ନିର୍ଦ୍ଧାରିତ କରି ଭଡ଼ା ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବେସରକାରୀ ଜାଗାରେ ରହିଥିବା LED ବିଜ୍ଞାପନ ହୋର୍ଡ଼ିଙ୍ଗ୍ ଗୁଡ଼ିକ ପାଇଁ ବାର୍ଷିକ ପ୍ରତି ବର୍ଗଫୁଟ ଟ୩୨୦/- ହାରରେ ଲାଇସେନ୍ସ ଫି ଆଦାୟ କରାଯିବା ନିମନ୍ତେ କାର୍ଯ୍ୟାଳୟ ବିଜ୍ଞାପନ ପତ୍ରସଂଖ୍ୟା-୫୯୦୩୨ ତା ୧୧.୧୧.୨୦୨୦ ରିଖ ମୁତାବକ ନିର୍ଦ୍ଧାରିତ କରାଯାଇଥିଲା, ଯାହାକି ସାଧାରଣ ବର୍ଗର ବିଜ୍ଞାପନ ହୋର୍ଡ଼ିଙ୍ଗ୍ ଗୁଡ଼ିକ ପାଇଁ ମୂଲ୍ୟାୟନ ହୋଇଥିବା ଲାଇସେନ୍ସ ଫି ଠାରୁ ଏହା ବହୁତ କମ୍ ଓ ଏହା ଅଦ୍ୟାବଧି ବଳବତ ରହିଛି । ପ୍ରକାଶ ଥାଉକି, ସରକାରୀ ଜାଗାରେ LED ବିଜ୍ଞାପନ ହୋର୍ଡ଼ିଙ୍ଗ୍ ଗୁଡ଼ିକ ପାଇଁ ମାସିକ ପ୍ରତି ବର୍ଗଫୁଟ ଟ୫୩୦.୬୪ ହାରରେ ଲାଇସେନ୍ସ ଫି ଆଦାୟ କରାଯାଉଛି, ଏଣୁ ଏହି ମୂଲ୍ୟରେ ପରିବର୍ତ୍ତନ କରିବା ସହିତ ଉପରୋକ୍ତ ବିଜ୍ଞାପନ ଅନୁଯାୟୀ Smaller Vehicle (like CHHOTA HATI) ପାଇଁ ମାସିକ ଟ୪,୫୦୦/- ଲାଇସେନ୍ସ ଫି ଆଦାୟ କରାଯାଉଛି ଏହାକୁ ପରିବର୍ତ୍ତନ କରି ମାସିକ ଟ୭,୫୦୦/-ଙ୍କା ଧାର୍ଯ୍ୟ କରାଯିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବେସରକାରୀ ଜାଗାରେ ବିଜ୍ଞାପନ ହୋର୍ଡ଼ିଙ୍ଗ୍ ଲଗାଇବା ନିମନ୍ତେ ମହାନଗର ନିଗମ ଦ୍ୱାରା empanelment ହୋଇଥିବା ନିମ୍ନଲିଖିତ ବିଜ୍ଞାପନ ସଂସ୍ଥା ମାନଙ୍କ ଉପରେ ଚଳିତ ୨୦୨୫-୨୬ ପର୍ଯ୍ୟନ୍ତ ରହିଥିବା ବକେୟା ପରିମାଣ ଏ ପର୍ଯ୍ୟନ୍ତ ପଇଠ କରିନାହାଁନ୍ତି । ଉକ୍ତ ସଂସ୍ଥା ମାନଙ୍କର Self-declaration ଆଧାରରେ ନିମ୍ନବର୍ଣ୍ଣିତ ମତେ ଦାବିପତ୍ର ପ୍ରସ୍ତୁତ କରାଯାଇଥିଲା ।

**Defaulter List of Advertisement Agencies**

| Sl. No. | Name of the Agency | Outstanding Balance Amount up to 2025-26 (in Rs.) |
|---|---|---|
| 1 | Interface | 23,05,753 |
| 2 | Saroj Ads | 30,26,342 |
| 3 | Chitralok Advertising | 1,09,01,683 |
| 4 | Apex Publicity | 68,62,589 |
| 5 | SPL. Outdoor Advertising | 1,05,29,294 |
| 6 | Karukrit Advertisement | 44,40,527 |
| 7 | Boliva Advertisement | 35,72,585 |
| 8 | Galaxy Ads | 53,18,823 |
| 9 | Media Mind Advertising | 29,90,421 |
| 10 | Metro Sign | 85,97,890 |
| 11 | Sagar Creative Ads & Solution | 14,94,652 |
| 12 | Ramayan Advertiser | 26,78,134 |
| 13 | Lalit Media Services | 16,37,964 |
| 14 | Selvel Advertising Pvt. | 2,27,55,205 |
| 15 | Prince Advertisers | 2,56,45,688 |
| 16 | Jagaran Engage | 23,29,135 |

ଏଣୁ ଉକ୍ତ ସଂସ୍ଥା ମାନଙ୍କର ଏତାଦୃଶ କାର୍ଯ୍ୟ ପାଇଁ ସମ୍ପୃକ୍ତ ସଂସ୍ଥା ମାନଙ୍କୁ Black-listed କରାଯାଇ ସେମାନଙ୍କ ଉପରେ ରହିଥିବା ବକେୟା ପରିମାଣ ପାଇଁ ତାଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ OPDR Case କରାଯିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୩୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୮.୦୩.୨୦୨୬ ରିଖ

## List of Parking Lots Floating for Fresh Tender

| Sl.No. | Name of Package | Name & Location of Parking Lots | On street/ off Street | Zone | Area breakup (in Sqft) | Current Area in Sqft | Area for Bicycle | Area for parking (Sqft) | Capacity | | Annual offset price exclusive GST 2025-26 | EMD @ 10% of Offset Price | Remark |
|---|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | | 11 | 12 | 13 |
| | | | | | | | | | 2W | 4W | | | |
| 1 | Individual | Infront of Kara Clinic, Unit 4 | On Street | SE | 195X12 ,140X15,35X7, 28X7 | 4,881 | 244 | 4,637 | 14 | 32 | 9,18,201 | | Managed by Zone |
| 2 | Individual | Jharpada Pani Tanki Road | On Street | SE | B00X16, 120X12, | 13000 | 650 | 12350 | | 95 | 8,32,200 | 83,220 | |
| 3 | Individual | Around Lingaraj Temple | On street | SE | 90X16, 57X16, | 11,927 | 596 | 11,331 | | 87 | 22,22,250 | 2,22,285 | |
| 4 | Individual | Lingaraj Hata | On Street | SE | 50X15, 30X7 | 960 | 48 | 912 | 7 | 5 | 1,72,463 | 17,246 | |
| 5 | Individual | KesariHall | On Street | SE | 175X32, 175X15, | 11225 | 561.25 | 10,664 | 0 | 82 | 20,95,100 | 2,09,510 | |
| 6 | Individual | Unit 4 Market Fish Market | On Street | SE | 85X85, 95X74.5, B8X32, 44X63 | 14320 | 716 | 13,604 | 317 | 17 | 24,59,188 | 2,45,919 | |
| 7 | Individual | Kapila Prasad Hata | Offstreet | SE | 95X6 | 570 | 28.5 | 542 | 18 | 0 | 29,566 | | |
| 8 | Individual | Akash Institute, Unit 9 | Off Street | SE | 100X27, 24X25, 35X24 | 4140 | 207 | 3933 | 0 | 17 | 3,40,638 | | |
| 9 | Individual | IG Park, Jayadev Bhawan | Onstreet | SE | 190X12, 115X8, 12X40, 123X8 | 4664 | 233,2 | 4430.8 | 90 | 20 | 4,63,087 | | |
| 10 | Individual | Indianoil, CS Pur | Off Street | N | 175x20, 100x20 | 5500 | 275 | 5225 | 35 | 18 | 40,029 | | |
| 11 | Individual | D.D.Motors, US Pur | Off Street | N | 80x60, 200x13 | 7400 | 370 | 7030 | 30 | 34 | 7,36,850 | | |
| 12 | Individual | Maruti Estate (Big Bazar), Patia | Off Street | N | 130x40, 30x40 | 6400 | 320 | 6080 | 41 | 21 | 6,28,397 | | |
| 13 | Individual | Sandy Tower, Samantapuri | Off Street | N | 300x20, 100x7 | 6700 | 335 | 6365 | 42 | 22 | 5,63,874 | | |
| 14 | Individual | Apollo Hospital | On Street | N | 400x15, 600x1O | 12000 | 600 | 11400 | | 88 | 17,92,431 | | |
| 15 | Individual | Damana Hat | On Street | N | 1100x13, 50x15, 60x7, 1200x13 | 31070 | 1553.5 | 29517 | 19 | 182 | 15,12,425 | | |
| 16 | Individual | Backside of Kalamandir, Near Kamyab TV | On Street | N | | | | | | | | | Managed by Zone |

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟ୍‌ଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୩.୨୦୨୬ ରିଖ

ସମୟ-ଅପରାହ୍ଣ ଘ.୦୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ସକିବା ମୁଶରତ୍,
୩. ଶ୍ରୀମତୀ ସୁଷମା ସାହୁ,
୪. ଶ୍ରୀ ଅଜିତ୍ ବେହେରା

ଅଦ୍ୟ ତା ୧୯.୦୩.୨୦୨୬ ରିଖ ଅପରାହ୍ଣ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟ୍‌ଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳ ମଣ୍ଡପ ବସ୍ତି ଆଫୋର୍ଡ଼େବୁଲ୍ ହାଉସିଂ ଗୃହ ପାଇଁ କେଉଁ କେଉଁ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଅଛି ତାହାର ତଥ୍ୟ ଉପସ୍ଥାପନ କରିବା ପାଇଁ ନିଗମର ନଗର ଯନ୍ତ୍ରୀ ଓ ଉପ ଆୟୁକ୍ତ (ହାଉସିଂ) ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ସରକାରଙ୍କ ଅନୁଦାନରେ ନିର୍ମାଣ ହୋଇଥିବା ଲେପ୍ରସି କଲୋନୀ ଗୃହ ଗୁଡ଼ିକ ଲେପ୍ରସି ରୋଗୀ କିମ୍ବା ଲେପ୍ରସି ବ୍ୟକ୍ତିଙ୍କ ଉତରାଧିକାରୀଙ୍କୁ କିମ୍ବା ବିନା ଲେପ୍ରସିରେ କାହାକୁ ଗୃହ ଦିଆଯାଇଅଛି ତାହା ଯାଂଚ୍ କରିବା ପାଇଁ ନିଷ୍ପତି ହୋଇଥିଲା । ଏହା ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ବିବରଣୀ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ (ହାଉସିଂ) ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ଣ ୫.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୯.୦୩.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୦୨.୦୪.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପିଙ୍କି ସ୍ୱାଇଁ,
୩. ଶ୍ରୀମତୀ କବିତା ସ୍ୱାଇଁ,
୪. ଶ୍ରୀ ବିପ୍ଳବ ବେହେରା,
୫. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା ୦୨.୦୪.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଗୃହ ନିର୍ମାଣ କିମ୍ବା ପୁରୁଣା ଗୃହର ପରିବର୍ତ୍ତନ ପାଇଁ ଗୃହ ନକ୍ସା ଅନୁମୋଦନ କ୍ଷମତା ୨୦୧୫ ମସିହା ଠାରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରୁ ଭୁବନେଶ୍ୱର ମହାନଗର ନିଗମକୁ ଆସିଲା, କିନ୍ତୁ କର୍ପୋରେସନ ଆଇନ୍-୨୦୦୩ କୁ ଭିତିକରି ପ୍ଲାନ୍ ଅନୁମୋଦନ କରିବା ପାଇଁ ଏପର୍ଯ୍ୟନ୍ତ ନିୟମ (Rule) ତିଆରି ହୋଇନଥିବାରୁ ବିଭିନ୍ନ ଅସୁବିଧା ହେଉଅଛି । EIDP କମିଟିରେ ମେୟର, ନଗର ଯନ୍ତ୍ରୀ, ନଗର ଯୋଜନାକାରୀ ସଭ୍ୟ ନଥିବାରୁ EIDP କମିଟିରେ ଯୋଗ ଦେଇପାରୁନାହାଁନ୍ତି ଫଳରେ EIDP କମିଟିରେ ସଠିକ୍ ତଥ୍ୟ ଆସିପାରୁନାହିଁ । ଏସବୁକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମାଂଚଳରେ ଗୃହ ନକ୍ସା ଅନୁମୋଦନ, EIDP କମିଟିର ଗଠନ ଓ କାର୍ଯ୍ୟ ଏବଂ CIDF Fund ଭୁବନେଶ୍ୱର ମହାନଗର ନିଗମ ପାଣ୍ଠିରେ ରଖିବାର ନିୟମ (Rules) ପ୍ରଣୟନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୦୨.୦୪.୨୦୨୬ ରିଖ